# Akashvani, Sambalpur

## SAMBALPURI NEWS BULLETIN

### 16 November 2025 – 6.47- 6.52 am.

**********************************************

ଇଏମ୍ଆର୍ଏସ୍ କ୍ରୀଡ଼ା ପ୍ରତିଯୋଗିତା     ଆର୍ଏନ୍ୟୁ/ ସମ୍ବଲପୁର

ରାଉର୍କେଲା ବିର୍ସାମୁଣ୍ଡା ଏଥ୍ଲେଟିକ୍ ଷ୍ଟାଡ଼ିୟମ୍ ଠାନେ ଗଲାକାଏଲ୍ ୪ ନମ୍ବର୍ ଜାତୀୟ ଏକଲବ୍ୟ ମୋଡ଼େଲ୍ ଆବାସିକ୍ ବିଦ୍ୟାଳୟ-ଇଏମ୍ଆର୍ଏସ୍ କ୍ରୀଡ଼ା ପ୍ରତିଯୋଗିତା ଉଦ୍ୟାପିତ୍ ହେଇଯାଇଛେ । ଉଦ୍ୟାପନୀ ଉତ୍ସବ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କହିଛନ୍, ଦେଶର୍ ସବୁନୁ ଅଏତ୍କା ଶହେ ୧୪ ଟା ଇଏମ୍ଆର୍ଏସ୍ ତିଆରି ଲାଗି ମଞ୍ଜୁର୍ କରାଯାଇଛେ । ସେଥିର୍‌ଭିତ୍‌ରୁ ଇହାଦେ ୧୭ ଟା ଜିଲ୍ଲା ନ ୪୭ ଟା ବିଦ୍ୟାଳୟ କାର୍ଯ୍ୟକ୍ଷମ୍ ହେଇସାରିଛେ । ଇଏମ୍ଆର୍ଏସ୍‌ର ଗୁଟେ ଆଂଚଳିକ୍ କାର୍ଯ୍ୟାଳୟ ରାଉର୍କେଲା ନ ଖୁଲାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ୩ ଦିନ୍ ଧରିକରି ହେଇଥିବା ପ୍ରତିଯୋଗିତାଥି ୨୧ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍‌ନୁ ପାଖାପାଖି ୫ ହଜାର୍ ୫ ଶହ ଝନ୍ ପ୍ରତିଯୋଗୀ ୩୫ ଟା ପ୍ରତିଯୋଗିତାଥି ଭାଗ୍ ନେଇଥିଲେ । ମୁଖ୍ୟମନ୍ତ୍ରୀ ପ୍ରତିଯୋଗିତାଥି ଚମ୍ପିଆନ୍ ହେଇଥିବା ତେଲେଙ୍ଗାନା ଦଲ୍‌କେ ପୁରସ୍କୃତ୍ କରିଥିଲେ ।

ରାଜ୍ୟ ସମବାୟ ନୀତି-ଚୂଡ଼ାନ୍ତ ପ୍ରକ୍ରିୟା   ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସମବାୟ ବିଭାଗ୍ ତର୍ଫୁ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ କନ୍ଭେନ୍ସନ୍ ସେଂଟର୍ ଠାନେ ଆଏଜ୍ ରାଜ୍ୟ ସମବାୟ ନୀତି -୨୦୨୫ ର ଚୂଡ଼ାନ୍ତ ପ୍ରକ୍ରିୟା ହେବା । ଇ ଅବ୍ସରେ ଚିଠା ସମବାୟ ନୀତି - ୨୦୨୫ ଉପ୍ରେ ଗୁଟେ ଆଲୋଚନାଚକ୍ର ହେବାର୍ ସହେତେ ମତାମତ୍ ଗ୍ରହଣ୍ କରାଯିବା । କାର୍ଯ୍ୟକ୍ରମ୍ଥି ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଆଉ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇଥି ରାଜ୍ୟର୍ ବିଶିଷ୍ଟ ସମବାୟବିତ୍, ଶିକ୍ଷାବିତ୍, ସମବାୟ କର୍ମକର୍ତା ଆଉ ବରିଷ୍ଠ ଅଧିକାରୀମାନେ ଭିଲ୍ ଯୋଗ୍ ଦେବେ ।

ଶୂନ୍ୟ ମୃତାହତ ପକ୍ଷ      I&PR

ସଡ଼କ୍ ଦୁର୍ଘଟ୍ନା ଆଉ ଇତାର୍ ଜରିଏ ହେଉଥିବା ଜୀବନ୍ହାନୀ ରୁକ୍ବାର୍ ଲକ୍ଷ୍ୟଥି ରାଜ୍ୟ ସରକାରଙ୍କର ତର୍ଫୁ ଆଏଜ୍ଠାନୁ ୩୦ ତାରିଖ୍ତକ୍ ଶୂନ୍ୟ ମୃତାହତ ପକ୍ଷ ପାଲନ୍ କରାଯାଉଛେ । ଇ ଅବ୍ସରେ ବାଣିଜ୍ୟ ଆଉ ପରିବହନ ବିଭାଗ୍ ତର୍ଫୁ ସାରା ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ ଆୟୋଜନ୍ କରାଯିବା । ଇତାର୍ ସହେତେ ସଡ଼କ ସୁରକ୍ଷା ବାବ୍ଦେ ଲୁକ୍କୁ ସଚେତନ୍ କରାଯିବା ଆଉ କଡ଼ାକଡ଼ି ଯାଂଚ୍ ଭିଲ୍ କରାଯିବା ବଲି

ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୁତି ଭୂଷଣ ଜେନା ସୂଚ୍ନା ଦେଇଛନ୍ ।

ଜାତୀୟ ପ୍ରେସ୍ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ଜାତୀୟ ପ୍ରେସ୍ ଦିବସ୍ । ୧୯୬୬ ମସିହା ଆଝିର୍ ଦିନେ କେନ୍ଦ୍ର ସର୍କାର୍ ଭାରତୀୟ ପ୍ରେସ୍ କାଉନ୍ସିଲ୍ ଗଠନ୍ କରିଥିଲେ । ସମ୍ବାଦପତ୍ର ଗଣତନ୍ତ୍ରର ଜାଗ୍ରତ ପ୍ରହରୀ, ହେଲେ ପ୍ରେସ୍ କାଉନ୍ସିଲ୍ ହେଉଛେ ସମ୍ବାଦପତ୍ରମାନ୍କର୍ ନୈତିକ ପ୍ରହରୀ । ପ୍ରେସ୍ କାଉନ୍ସିଲ୍ ସମ୍ବାଦପତ୍ରମାନ୍କର୍ କାମ୍ ଉପ୍ରେ ନଜର୍ ରଖ୍ବାର୍ ସହେତେ ଦର୍କାର୍ ପଡ଼୍ଲେ ପରାମର୍ଶ, ସମୀକ୍ଷା ଆଉ ବିବାଦୀୟ ସମ୍ବାଦ ପ୍ରସାରଣ୍ ଉପ୍ରେ ବିଚାର୍ କର୍ବାର୍ ଆଉ ଅଲ୍ଗା କାମ୍ ମାନ୍କର୍ ଭିଲ୍ ନୈତିକତା ଯାଂଚ୍ କର୍ସି । ଜାତୀୟ ପ୍ରେସ୍ ଦିବସ୍ ଅବ୍ସରେ ସୂଚନା ଆଉ ଲୋକସମ୍ପର୍କ ବିଭାଗ ତର୍ଫୁ ଭୁବନେଶ୍ୱର୍ ଲୋକସମ୍ପର୍କ ଭବନ୍ ନ ଦିନର୍ ୧୧ ବଜେ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ୍ ଅନୁଷ୍ଠିତ୍ ହେବା । ଇତାର୍ସହେତେ ଦେଶ୍ ଆଉ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଲୋଚନାଚକ୍ର ଆଉ କର୍ମଶାଳା ହେବା ।

କେମ୍ପସ୍ କଲିଂ ପ୍ରୋଗ୍ରାମ ଆର୍ଏନ୍ୟୁ/ ସମ୍ବଲପୁର

ଭିନ୍ ଭିନ୍ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍କେ ମହିଳା ଆଉ ଛାତ୍ରୀଙ୍କର୍ ଉପ୍ରେ ହେଉଥିବା ଯୌନ ଶୋଷଣ୍ ରୁକ୍ବାର୍ ଲାଗି କଲେଜ୍ ପରିସର୍ ନ କେମ୍ପସ୍ କଲିଂ ପ୍ରୋଗ୍ରାମ୍ କରାଯିବା । ଜାତୀୟ ମହିଳା କମିଶନ୍ ତର୍ଫୁ ଯୁବ ମନ୍ଥନ୍ ସାହାଜ୍‌ଥି ଇ କାର୍ଯ୍ୟକ୍ରମ୍ ଦେଶର୍ ୮ ଶହ ଟା ଶିକ୍ଷାନୁଷ୍ଠାନ୍ ନ ହେବା । ଇ କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ସେମିନାର୍ ଆଉ କର୍ମଶାଳା କରାଯିବା । ଇତାକେ ନେଇକରି ସବୁ ବିଶ୍ୱବିଦ୍ୟାଳୟ କୁଳପତି ଆଉ କଲେଜ୍ ଅଧ୍ୟକ୍ଷଙ୍କୁ ୟୁଜିସି ତର୍ଫୁ ଚିଠି କରାଯାଇଛେ । ୟୁଜିସି ତର୍ଫୁ କୁହାଯାଇଛେ ଯେ, ପୋସ୍ ଆଇନ୍-୨୦୧୩ ଯେନ୍ ଉଚ୍ଚଶିକ୍ଷାନୁଷ୍ଠାନ୍ କାର୍ଯ୍ୟକାରୀ କରିଛନ୍ ତାର୍ ଅଗ୍ରଗତି ବାବ୍‌ଦେ ଜନାବେ । ଇଥି ଆଭ୍ୟନ୍ତରିଣ ଅଭିଯୋଗ୍ କମିଟି, ସଚେତନତା, ଅଭିଯୋଗ୍ ସମାଧାନ୍ ବାବ୍‌ଦେ ସବୁ ତଥ୍ୟ ଦେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ବାଘ୍ ଗନ୍‌ନା          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗଲାକାଏଲ୍‌ଠାନୁ ବାଘ୍ ଗନ୍‌ନା ମୁଲ୍ ହେଇଛେ । କେନ୍ଦ୍ର ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରଣାଳୟ ଆର୍ ଏନ୍‌ଟିସିଏର ନିର୍ଦ୍ଦେଶ୍‌ଥି ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନ୍ ତର୍ଫୁ ଗନ୍‌ନା ଦିଗେ ପଦକ୍ଷେପ୍ ନିଆଯାଇଛେ । ରାଜ୍ୟର୍ ବ୍ୟାଘ୍ର ସଂରକ୍ଷଣ୍ ଇଲାକା ମାନ୍‌କେ ୩ ଟା ଖେପେ ଗନ୍‌ନା କରାଯିବାର୍‌କେ ଥିର୍ କରାଯାଇଛେ ।

ଇତାର୍ ଭିତ୍‌ରେ ପହେଲା ଆଉ ୩ ନମ୍ବର୍ ଖେପେ ଗନ୍‌ନା ବିଟ୍ ସ୍ତରଥି ହେଉଥିବାର୍ ବେଲେ ୨ ନମ୍ବର୍ ଖେପେ ଗଣ୍‌ନା ସେଟ୍‌ଲାଇଟ୍ ଜରିଏ କରାଯିବା । ଡିଭିଜନ୍‌ମାନେ ନିଜର୍ ସୁବିଧା ଅନ୍‌ସାରେ ଗନ୍‌ନା କର୍‌ବେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ଶିମିଲିପାଲ୍ ବ୍ୟାଘ୍ର ଅଭୟାରଣ୍ୟ ପ୍ରକଳ୍ପ ନ ୧୫ ଟା କେମ୍‌ରା ଲଗାଯିବା । ସେନ୍ତା ଡ୍ରେବିଗଡ୍, ସାତକୋଶିଆ ସହେତେ ରାଜ୍ୟର୍ ଅଲ୍‌ଗା ଅଭୟାରଣ୍ୟ ମାନ୍‌କେ ବାକି ୨ ହଜାର୍‌ଟା କେମ୍‌ରା ଲଗାଯିବା ବଲି ସୂଚ୍‌ନା ମିଲିଛେ ।

ବର୍‌ଗଡ୍ ଧନୁଯାତ୍ରା-କଳାକାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ୍ ଧନୁଯାତ୍ରା ମହୋତ୍ସବ୍ ସମିତି ତର୍‌ଫୁ ୨୦୨୫ ନୁ ୨୭ ୩ ବଛର୍ ଲାଗି କଳାକାର୍ ବାଛ୍‌ବାର୍ ପ୍ରକ୍ରିୟା ଗଲାକାଏଲ୍ ନୁ ବର୍‌ଗଡ୍ ବିଜୁ ପଟ୍ଟନାୟକ୍ ଟାଉନ୍ ହଲ୍ ଠାନେ ମୁଲ୍ ହେଇଛେ । ମୋଟ୍ ଶହେ ୪୦ ଝନ୍ କଳାକାର୍ ଆବେଦନ୍ କରିଥିବାର୍ ବେଲେ ଶହେ ୧୩ ଝନ୍ ଅଡ଼ିସନ୍‌ଥି ଭାଗ୍ ନେଇଥିଲେ । ୧୭ ତାରିଖ୍ ଦିନ କଂସ ମହାରାଜ୍ ଭୂମିକା ଲାଗି କଳାକାର୍ ବଛାଯିବା ଆଉ ସେହିଦିନ ହିଁ ୧୧ ଟା ଯାକ ଭୂମିକାର୍ ଫଲାଫଲ୍ ଘୋଷ୍‌ନା କରାଯିବା ବଲି କମିଟି ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜନଜାତୀୟ ଗୌରବ୍ ଦିବସ         ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ଟାଉନ୍‌ହଲ୍ ନ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ୍ ଦିବସ୍ -୨୦୨୫ ପାଲିତ୍ ହେଇଯାଇଛେ । ଜିଲ୍ଲା ନ ଥିବା ଜନଜାତି ସମ୍ପ୍ରଦାୟର୍ ଶିକ୍ଷା, ସ୍ୱାସ୍ଥ୍ୟ ସହେତେ ଆର୍ଥିକ୍ ଉନ୍ନତି ଲାଗି ସର୍‌କାରୀସ୍ତର୍ ନ କାମ୍ ଚାଲିଥିବାର୍ ବେଲେ ସମାଜ୍‌ର ମୁଖିଆ ସ୍ରୋତଥି ସାମିଲ୍ ହେବାର୍‌କେ ଅତିଥି ମାନେ ଆହ୍ୱାନ୍ ଦେଇଥିଲେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟକେ ଉତର୍ ଦିଗୁ ସୁଖା ପବନ୍ ଆସୁଥିବାର୍‌ନୁ ଭିନ୍ ଭିନ୍ ଜାଗା ନ ରାତିର୍ ତାପମାତ୍ରା ୩/୪ ଡିଗ୍ରୀ ତକ୍ କମିଛେ । ଆଏବା ୨୪ ଘଂଟା ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ୨ ନୁ ୩ ଡିଗ୍ରୀ ତକ୍ ତାପମାତ୍ରା ବଢ଼୍‌ବାର୍ ସହେତେ ଶୀତ୍ ସାମାଏନ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ରାଜ୍ୟର ବଡ଼ଭାଗୀ ଜାଗା ନ ରାତିର୍ ତାପମାତ୍ରା ୧୫ ଡିଗ୍ରୀ ତଲେ ରହିଥିଲା ।